# ସତ୍ୟବାକ୍ୟ

# THE WORD OF TRUTH



JAN & FEB - 2008

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.


## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.



**VOL. 13 Jan & Feb., 200[illegible] (No.1)**


Published every two months in Oriya language for the Restoration of pure New Tesament Christianity

Watch SATYA VANI Programme on T.V.-5 Channel
Every Saturday at 6:30 a.m in Telugu Language.

**Speakers : Joshua Gootam & Ricky Gootam**

Write for free Bible Correspondence course in
Telugu & Oriya to:

The Director
Bible Correspondence Course
P.O. Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XIII KAKINADA JAN-FEB


## ଉପାସନାର ପଦ୍ଧତି

## (Pattern of Worship)

ଆଜି ଖ୍ରୀଷ୍ଟିୟ ସମାଜର ଅନେକ ପଦ୍ଧତିର ଉପାସନା ଦେଖିବାକୁ ପାଇପାରୁ । କାଥଲିକ୍‌ମାନଙ୍କ ପଦ୍ଧତି ଠାରୁ ପ୍ରଟେଷ୍ଟାଣ୍ଟମାନଙ୍କ ପଦ୍ଧତି ଭିନ୍ନ । ପ୍ରଟେଷ୍ଟାଣ୍ଟ ମଣ୍ଡଳୀଗୁଡ଼ିକରେ ଅନେକ ପ୍ରକାର ପଦ୍ଧତି ଚାଲିଆସୁଛି । ଏଥି ମଧ୍ୟରୁ କେଉଁ ପଦ୍ଧତି ପ୍ରକୃତ ପଦ୍ଧତି ?

ଏଫିସୀ ୪:୪ ଓ ମାଥିଉ ୧୬:୧୮ ପଦାନୁଯାୟୀ ଏକମାତ୍ର ମଣ୍ଡଳୀ ଅଛି ଏବଂ ତାହା ଖ୍ରୀଷ୍ଟଙ୍କର ଅଟେ । ମଣ୍ଡଳୀର ଉପାସନା ପଦ୍ଧତି ବାକ୍ୟରେ ଆମ୍ଭମାନଙ୍କୁ ସୁସ୍ପଷ୍ଟ କରାଯାଏ । ଏହି ପଦ୍ଧତି ଈଶ୍ୱରଙ୍କ ବାକ୍ୟାନୁଯାୟୀ ହୋଇଥିବାରୁ ଏହା ପ୍ରତ୍ୟେକ ମାନବ ପାଳନ କରିବା ଆବଶ୍ୟକ । ଏହି ପଦ୍ଧତି ବିଷୟରେ ଜାଣିବାକୁ ଆମ୍ଭମାନଙ୍କ ନୂତନ ନିୟମରେ ଆଦିମ ଖ୍ରୀଷ୍ଟିୟାନମାନଙ୍କ ଆଦର୍ଶ ଅନୁସନ୍ଧାନ କରିବା ଆବଶ୍ୟକ । ବାକ୍ୟ କହେ :

**୧. ପରମେଶ୍ୱର ଏକମାତ୍ର ଉପାସନୀୟ ପାତ୍ର :** ଶୟତାନ ଦ୍ୱାରା ପରୀକ୍ଷିତ ହେବା ସମୟରେ ପ୍ରଭୁ ଯୀଶୁଖ୍ରୀଷ୍ଟ ଶୟତାନକୁ କହିଲେ,"......ଦୂର୍ ହ ଶୟତାନ୍, କାରଣ ଲେଖାଅଛି, ତୁମ୍ଭେ ଆପଣା ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରଣାମ କରିବ, ପୁଣି କେବଳ ତାହାଙ୍କର ଉପାସନା କରିବ (ମାଥିଉ ୪:୧୦) ।

**୨. ସପ୍ତାହର ପ୍ରଥମ ଦିନ ଉପାସନାର ଦିନ ଅଟେ :** ଆଦିମ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ ଏକତ୍ରିତ ହେବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । "ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧାନୁସାରେ ନିଜ ନିଜ ନିକଟରେ କିଛି ସଞ୍ଚୟ କରି ରଖ (୧ କରିନ୍ଥୀ ୧୬:୨) ।

**୩. ଖ୍ରୀଷ୍ଟିୟାନମାନେ ପରମେଶ୍ୱରଙ୍କ ଉପାସନା କରିବାକୁ ଆଜ୍ଞାପିତ ହୋଇଅଛନ୍ତି :** ''ସେମାନେ ପ୍ରେରିତମାନଙ୍କ ଶିକ୍ଷାରେ ସହଭାଗୀତାରେ ରୋଟି ଭାଙ୍ଗିବାରେ ଓ ପ୍ରାର୍ଥନା କରିବାରେ ନିବିଷ୍ଟ ଚିତ୍ତ ହୋଇ ରହିଲେ (ପ୍ରେରିତ ୨:୪୨) । ''ସପ୍ତାହର ପ୍ରଥମ ଦିନରେ ଯେତେବେଳେ ପାଉଲ ପର ଦିନ ପ୍ରସ୍ଥାନ କରିବେ ବୋଲି ଉଦ୍ୟ ହେଉଥିବାରୁ ସେମାନଙ୍କୁ ଉପଦେଶ ଦେବାକୁ ଲାଗିଲେ ଓ ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ଦୀର୍ଘ ବକ୍ତୃତା ଦେଲେ (ପ୍ରେରିତ ୨୦:୭) ।

**୪. ଉପାସନା କରିବା ବିଷୟରେ ଖ୍ରୀଷ୍ଟ କହନ୍ତି :** ''କିନ୍ତୁ ଯେଉଁ ସମୟରେ ସତ୍ୟ ଉପାସକମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ, ସେପରି ସମୟ ଆସୁଅଛି । ପୁଣି, ବର୍ତ୍ତମାନ ସୁଦ୍ଧା ଉପସ୍ଥିତି, କାରଣ ପିତା ଏହି ପ୍ରକାର ଉପାସକ ଚାହାନ୍ତି । ଈଶ୍ୱର ଆତ୍ମା, ପୁଣି ଯେଉଁମାନେ ତାହାଙ୍କର ଉପାସନା କରନ୍ତି, ଆତ୍ମାରେ ଓ ସତ୍ୟରେ ଉପାସନା ସେମାନଙ୍କର ଉଚିତ (ଯୋହନ ୪:୨୩, ୨୪) ।

**୫. ଉପାସନାର ପାଞ୍ଚଟି ଅଂଶ :** ବାକ୍ୟ ଧ୍ୟାନ (୨ୟ ତୀମଥି ୨:୧୫) ପ୍ରାର୍ଥନା (ପ୍ରେରିତ ୨୨:୪୨) । ଗୀତଗାନ (ଏଫିସୀ ୫:୧୯), ପ୍ରଭୁ ଭୋଜରେ ସହଭାଗୀ ହେବା (ମାଥିଉ ୨୬:୨୮) ଏବଂ ଚାନ୍ଦା ଦେବା (୨ କରିନ୍ଥୀ ୯:୬-୭) । ଏହି ପାଞ୍ଚ ଅଂଶ ବ୍ୟତୀତ ଅନ୍ୟାନ୍ୟ ବିଷୟରେ ବାକ୍ୟରେ କୁହାଯାଏ ନାହିଁ, ଅତଏବ ଉପାସନାର ଏହି ପାଞ୍ଚଟି ବିଷୟରେ ସୀମାବଦ୍ଧ ହେବା ଆବଶ୍ୟକ ।

**୬. ଉପାସନା ପରିତ୍ୟାଗ କରିବା ବିଷୟରେ ବାକ୍ୟ କହେ:** ଆଉ କେହି କେହି ଯେପରି ଆମ୍ଭମାନଙ୍କ ମଣ୍ଡଳୀ ଉପାସନା ପରିତ୍ୟାଗ କରିଥାନ୍ତି, ଆମ୍ଭେମାନେ ସେପରି ନକରୁ, ବରଂ ପରସ୍ପର ଉତ୍ସାହ ଦେଉ, ବିଶେଷତଃ ଯେତେବେଳେ ତୁମ୍ଭେମାନେ ପ୍ରଭୁଙ୍କ ଦିନ ନିକଟବର୍ତ୍ତୀ ହୋଇ ଆସୁଅଛି ବୋଲି ଦେଖୁଅଛ (ଏବ୍ରୀ ୧୦:୨୫) ।

**୭. ନୂତନ ନିୟମ ଉପାସନାର ଭିତ୍ତିମୂଳ ପ୍ରଭୁଙ୍କ ବାକ୍ୟ ଅଟେ:** ଈଶ୍ୱରଙ୍କ ବାକ୍ୟର ପ୍ରଚାରକ ପରି ପ୍ରତ୍ୟେକ ପ୍ରଚାର କରିବା ନିମନ୍ତେ ପିତର ଆପଣା ପତ୍ରରେ ବ୍ୟକ୍ତ କରନ୍ତି (୧ ପିତର ୪:୧୧) । ତାହାଙ୍କ ବାକ୍ୟ ଅତିକ୍ରମ କରି କୌଣସି କାର୍ଯ୍ୟ କରାଯାଏ ନାହିଁ । ଅନ୍ୟାନ୍ୟ ଖ୍ରୀଷ୍ଟିୟ ଦଳର ପରିଚାଳିତ ହେଉଥିବା କେତୋଟି କାର୍ଯ୍ୟ ନୂତନ ନିୟମର ଖ୍ରୀଷ୍ଟଙ୍କ ମଣ୍ଡଳୀରେ ଦେଖିବାକୁ ମିଳେ ନାହିଁ । ସେଗୁଡ଼ିକ ହେଲା :

ଯାନ୍ତ୍ରିକ ସଙ୍ଗୀତରେ ବ୍ୟବହାର କରାଯାଏ ନାହିଁ । ଗୀତ ଓ ସଙ୍ଗୀତ ଦ୍ୱାରା ଈଶ୍ୱରଙ୍କ ନାମ ଗୌରବାନ୍ୱିତ କରିବା ନିମନ୍ତେ ଆମ୍ଭେମାନେ ଆଜ୍ଞାପିତ ହୋଇଅଛୁ । ପାଉଲ କହନ୍ତି ସ୍ତୋତ୍ର ଓ ଆଧ୍ୟାତ୍ମିକ ସଂକୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ, ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ ଓ ଗୀତ ଗାନ କର (ଏଫିସୀ ୫:୧୯) । ଦଶମାଂଶ ଅର୍ପଣ କରାଯାଏ ନାହିଁ । କାରଣ ଆମ୍ଭେମାନେ ଆପଣା ଆପଣା ଅଭିବୃଦ୍ଧି ଅନୁଯାୟୀ ଦାନ ଦେବା ନିମନ୍ତେ ଆଜ୍ଞାପିତ ହୋଇଅଛୁ । (୧ କରିନ୍ଥୀ ୧୬:୨) । ସପ୍ତାହର ପ୍ରଥମ ଦିନରେ ଦାନ ସଂଗ୍ରହ କରିବାକୁ ଆଜ୍ଞାପିତ ହୋଇଥିବାରୁ ସପ୍ତାହର ଅନ୍ୟ ଦିନମାନଙ୍କରେ ଦାନ ସଂଗ୍ରହ କରାଯାଏ ନାହିଁ । ପର୍ବପର୍ବାଣୀ ବିଷୟରେ ବାକ୍ୟ କହେ, ‘‘ତୁମ୍ଭେମାନେ ବିଶେଷ ବିଶେଷ ଦିନ, ମାସ ପର୍ବ ଓ ବର୍ଷ ପାଳନ କରିଥାଅ । ତୁମ୍ଭମାନଙ୍କ ନିମନ୍ତେ ମୁଁ ଯେଉଁ ପରିଶ୍ରମ କରିଅଛି କାଳେ ତାହା ବ୍ୟର୍ଥ ହୁଏ ତୁମ୍ଭମାନଙ୍କ ସମ୍ବନ୍ଧରେ ମୋହର ଏହି ଭୟ ହେଉଅଛି (ଗାଲାତୀ ୪:୧୦,୧୧) । ତେଣୁ କରି ଖ୍ରୀଷ୍ଟଙ୍କ ମଣ୍ଡଳୀରେ କୌଣସି ପର୍ବପର୍ବାଣୀ ପାଳନ କରାଯାଏ ନାହିଁ ।

ପ୍ରେରିତ ୨୦:୭ ପଦନୁଯାୟୀ ଆଦିମ ଖ୍ରୀଷ୍ଟିୟାନମାନେ ପ୍ରତ୍ୟେକ ସପ୍ତାହର ପ୍ରଥମ ଦିନରେ ରୋଟି ଭାଙ୍ଗୁଥିଲେ । ସେମାନଙ୍କ ଅନୁକରଣ କରି ଏବେ ଖ୍ରୀଷ୍ଟିୟାନମାନେ କେବଳ ସପ୍ତାହର ପ୍ରଥମ ଦିନରେ ପ୍ରଭୁ ଭୋଜରେ ଭାଗୀ ହୁଅନ୍ତି ଅନ୍ୟ କୌଣସି ଦିନରେ ନୁହେଁ । ପ୍ରାଚୀନ ରୀତିନୀତି କିଅବା କୌଣସି ପ୍ରଥାର ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାନ ନାହିଁ । କାରଣ ବାକ୍ୟ କହେ,‘‘ଯେଣୁ ତୁମ୍ଭେମାନେ ଜାଣ ଯେ ତୁମ୍ଭମାନଙ୍କ ଠାରୁ ପ୍ରାପ୍ତ ପରମ୍ପରାଗତ ନିରର୍ଥକ ଆଚର ବ୍ୟବହାର, ରୂପା କି ସୁନା ପରି କ୍ଷୟଣୀୟ ବସ୍ତୁ ଦ୍ୱାରା ମୁକ୍ତ ନହୋଇ ବରଂ ନିଖୁନ୍ତ ଓ ନିଷ୍କଳଙ୍କ ମେଷଶାବକ ସଦୃଶ ଖ୍ରୀଷ୍ଟଙ୍କ ମହମୂଲ୍ୟ ରକ୍ତରେ ମୁକ୍ତ ହୋଇଅଛ’’ (୧ ପିତର ୧:୧୮) । ‘‘ସାବଧାନ, କାଳେ କେହି ଖ୍ରୀଷ୍ଟଙ୍କ ଶିକ୍ଷାର ଅସଙ୍ଗତ ମନୁଷ୍ୟର ପରମ୍ପରାଗତ ଓ ଜଗତର ପ୍ରାଥମିକ ଶିକ୍ଷାନୁଯାୟୀ ଦର୍ଶନ ବିଦ୍ୟା ଓ ନିରର୍ଥକ ପ୍ରତାରଣା ଦ୍ୱାରା ତୁମ୍ଭମାନଙ୍କୁ ବନ୍ଦୀ କରିଦିଏ (କଲସୀ ୨:୮) । ମାନବମାନଙ୍କ ସ୍ୱନୀତିଗୁଡ଼ିକ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସ୍ଥାନ ପାଏ ନାହିଁ । ‘‘ତୁମ୍ଭେମାନେ ଯଦି ଖ୍ରୀଷ୍ଟଙ୍କ ସହିତ ଜଗତର ପ୍ରାଥମିକ ଶିକ୍ଷା ପ୍ରତି ମୃତ ହୋଇଅଛ, ତେବେ ମନୁଷ୍ୟର ବିଧି ଓ ଶିକ୍ଷାନୁସାରେ ‘ଧର ନାହିଁ, ଖାଅ ନାହିଁ, ବା ଛୁଅଁ ନାହିଁ, ସାଂସାରିକ ଲୋକ ପରି ଏହି ପ୍ରକାର ବିଧି ବିଧାନରେ କାହିଁକି ବଶୀଭୂତ ହୋଇଅଛ ? (କଲସୀ ୨:୨୦-୨୨) । ପୁରାତନ ନିୟମର ନିୟମାବଳୀ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ଅନୁସରଣ କରାଯାଏ

ନାହିଁ । ବିଶ୍ରାମବାର, ଦଶମାଂସ, ଯାନ୍ତ୍ରିକ ସଙ୍ଗୀତ ପ୍ରଭୃତି ବିଷୟରେ ପୁରାତନ ନିୟମରୁ ଯୋଗ କରନ୍ତି । ମଣ୍ଡଳୀଗୁଡ଼ିକ ଭ୍ରାନ୍ତ ଭାବେ ଈଶ୍ୱରଙ୍କ ଆରାଧନା କରନ୍ତି କାରଣ ପୁରାତନ ନିୟମ ଖ୍ରୀଷ୍ଟଙ୍କ ମରଣରେ ଅନ୍ତ ହୋଇଅଛି (୨ କରିନ୍ଥୀ ୩, ଏବ୍ରୀ ୧୦:୯, ଯୋହନ ୧:୧୭) ।

ଅତଏବ, ଯୋଗ ବିଯୋଗ ବିନା କେବଳ ନୂତନ ନିୟମ ପାଳନ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ (ପ୍ରକାଶିତ ୨୨:୧୮,୧୯, ଗାଲାତୀ ୧:୭-୯) । ଏହା ପ୍ରତ୍ୟେକ ଉତ୍ତମ କାର୍ଯ୍ୟ କରିବାକୁ ମନୁଷ୍ୟମାନଙ୍କୁ ନିର୍ଦ୍ଦେଶ କରେ । ଉତ୍ତମ ଓ ଧାର୍ମିକ ଜୀବନ ନିମନ୍ତେ ଆବଶ୍ୟକୀୟ ନିୟମାବଳୀ ନୂତନ ନିୟମରେ ନିହିତ ହୋଇଅଛି (୨ ପିତର ୧:୩) । ନୂତନ ନିୟମରେ ଏହି ନିୟମାବଳୀ ପ୍ରତ୍ୟେକ ପାଳନ କଲେ ଆମ୍ଭେମାନେ ଏକତା ଲାଭ କରିପାରିବା । ପିତା ପରମେଶ୍ୱରଙ୍କୁ ମନୁଷ୍ୟମାନେ ବିଭିନ୍ନ ଉପାୟରେ ଉପାସନା କରିବା ଲୋଡ଼ନ୍ତି ନାହିଁ । ଆସ ଆମ୍ଭେମାନେ ନୂତନ ନିୟମର ନିୟମାବଳୀ ଅନୁସରଣ କରି ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଓ ରକ୍ଷାକର୍ତ୍ତା ପିତା ପରମେଶ୍ୱର ଓ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଉପାସନା କରି ତାହାଙ୍କ ନିକଟବର୍ତ୍ତୀ ହେଉ ।

***J.C. Choate***

❋❋❋

# ମହାନ୍ ପରମେଶ୍ୱର
## (Great God)

ଇଶ୍ରାଏଲ୍ ସନ୍ତାନମାନେ ମିସରରେ ଚାରିଶହ ତିରିଶି ବର୍ଷ ଦାସତ୍ୱରେ ରହିଥିଲେ । ସେମାନଙ୍କ କ୍ରନ୍ଦନ ସଦାପ୍ରଭୁଙ୍କ କର୍ଣ୍ଣଗୋଚର ହେଲା । ସେ ମୋଶା ଓ ହାରୋଣଙ୍କୁ ଫାରୋଙ୍କ ଦାସତ୍ୱରୁ ମୁକ୍ତ କରି, କିଣାନ ଦେଶକୁ କଢ଼ାଇ ନେଇଯିବା ନିମନ୍ତେ ମନୋନୀତ କରିଥିଲେ । ସେମାନେ ଦୁହେଁ ଫାରୋଙ୍କ ସମ୍ମୁଖରେ ଛିଡ଼ା ହୋଇ କହିଲେ, ସଦାପ୍ରଭୁ କହନ୍ତି, "..........ପ୍ରାନ୍ତରରେ ଆମ୍ଭ ଉଦ୍ଦେଶ୍ୟରେ ଉତ୍ସବ କରିବାକୁ ଆମ୍ଭ ଲୋକଙ୍କୁ ଛାଡ଼ିଦିଅ । ତହିଁରେ ଫାରୋ କହିଲେ, ସଦାପ୍ରଭୁ କିଏ, ଯେ ଆମ୍ଭେ ତାହାର କଥା ମାନି ଇଶ୍ରାଏଲକୁ ଛାଡ଼ିଦେବୁ ?" (ଯାତ୍ରା ୫:୨) । ସଦାପ୍ରଭୁ ଆପଣା ବାହୁବଳ ଦ୍ୱାରା ମିସର ଦେଶରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରି ଇଶ୍ରାଏଲ ଜାତିକୁ ଫାରୋଙ୍କ ଦାସତ୍ୱରୁ ମୁକ୍ତ କରିଥିଲେ । (ଯାତ୍ରା ୫ ପର୍ବରୁ ୧୫ ପର୍ବ ପର୍ଯ୍ୟନ୍ତ)

ସଦାପ୍ରଭୁ କିଏ ? ସେ ସର୍ବସୃଷ୍ଟିକର୍ତ୍ତା, ପାଳନ କର୍ତ୍ତା, ପରିତ୍ରାଣ କର୍ତ୍ତା । ସର୍ବଶକ୍ତିମାନ, ସର୍ବବ୍ୟାପୀ ପିତା ପରମେଶ୍ୱର ଅଟନ୍ତି । ଇଶ୍ରାଏଲ୍ ଆପଣା ଅନାଜ୍ଞାବହତା ଯୋଗୁଁ ଖ୍ରୀ:ଜନ୍ମର ୬୦୦ ବର୍ଷ ପୂର୍ବେ ବାବିଲୋନର ରାଜା ନବଖଦ୍‌ନିସରଙ୍କ ଦ୍ୱାରା ବାବିଲୋନକୁ ଦାସରୂପେ ଧୃତ ହୋଇଥିଲେ । ଦାନିୟେଲ୍, ଯାହାଙ୍କ ହୃଦୟରେ ପବିତ୍ର ପରମେଶ୍ୱରଙ୍କ ଆତ୍ମା ଥିଲା, ସେ ରାଜାଙ୍କ ସ୍ୱପ୍ନର ତଥା ରାଜ ପ୍ରାସାଦର କାନ୍ଥରେ ମନୁଷ୍ୟ ହସ୍ତରେ ଅଙ୍ଗୁଳିର ଲେଖନ 'ମିନେ ମିନେ, ତକେଲ ଉପାରସାନ' ଅର୍ଥ ପ୍ରକାଶ କରିଥିବାରୁ ସମୁଦାୟ ରାଜ୍ୟର ଏକଶତ ବଂଶ କ୍ଷିତିପାଳ ଉପରେ ତିନିଜଣ ଅଧକ୍ଷ ମଧ୍ୟରୁ ଜଣେ ରୂପେ ନିଯୁକ୍ତ ହୋଇଥିଲେ । ଦାନିୟେଲଙ୍କ ବିରୋଧୀମାନେ ତାହାଙ୍କ ବିନାଶ କରିବା ନିମନ୍ତେ ଷଡ଼ଯନ୍ତ୍ର କରି, ରାଜାଙ୍କ ଦ୍ୱାରା ଏକ ଆଦେଶ ଜାରି କରିଥିଲେ । ସେହି ଆଜ୍ଞାନୁଯାୟୀ ଯେଉଁ କୌଣସି ଲୋକ ତିରିଶ ଦିନ ରାଜାଙ୍କ ବିନା ଆଉ କୌଣସି ଦେବତା ନିକଟରେ ପ୍ରାର୍ଥନା କରିବ ସେ ସିଂହ ଗର୍ତ୍ତରେ ନିକ୍ଷିପ୍ତ ହେବ । କିନ୍ତୁ ଦାନିୟେଲ ରାଜାଆଜ୍ଞା ଭ୍ରୁକ୍ଷେପ ନକରି, ସଦାପ୍ରଭୁଙ୍କ ଠାରେ ପ୍ରାର୍ଥନା କରିବାରେ ନିବୃତ ନୋହିଲେ ଓ ସିଂହ ଗର୍ତ୍ତରେ ନିକ୍ଷିପ୍ତ ହେଲେ । କିନ୍ତୁ ସେନାଧିପତି ସଦାପ୍ରଭୁ ଦୂତ ପଠାଇ ସିଂହମାନଙ୍କ ମୁଖ ବନ୍ଦ କରି ତାହାଙ୍କ ରକ୍ଷା କରିଥିଲେ । "ତହିଁରେ ରାଜା ଅତିଶୟ ଆନନ୍ଦିତ ହୋଇ ଦାନିୟେଲଙ୍କୁ ଗର୍ତ୍ତରୁ ଉଠାଇ ଆଣିବାକୁ ଆଜ୍ଞା ଦେଲେ । ତହୁଁ ଦାନିୟେଲଙ୍କୁ ଗର୍ତ୍ତରୁ ଉଠାଗଲା ଓ ତାଙ୍କ ଶରୀରରେ କୌଣସି ପ୍ରକାର କ୍ଷତ ଦେଖା ନଗଲା, କାରଣ ସେ ଆପଣା ପରମେଶ୍ୱରଙ୍କ ଠାରେ ବିଶ୍ୱାସ କଲେ....ମୁଁ ଏହି ଆଜ୍ଞା କରୁଅଛି ଯେ, ମୋର ରାଜ୍ୟକୁ ସୁସମୁଦାୟ ପ୍ରଦେଶର ଲୋକମାନେ ଦାନିୟେଲଙ୍କର ପରମେଶ୍ୱରଙ୍କର ଛାମୁରେ କମ୍ପିତ ହେଉନ୍ତୁ । କାରଣ ସେ ଜୀବିତ ପରମେଶ୍ୱର ଓ ନିତ୍ୟସ୍ଥାୟୀ ଅଟନ୍ତି ଓ ତାହାଙ୍କ ରାଜ୍ୟ ଅବିନାଶ୍ୟ ଅଟେ, ପୁଣି ତାହାଙ୍କର କର୍ତ୍ତୃତ୍ୱ ଶେଷ ପର୍ଯ୍ୟନ୍ତ ହିଁ ଥିବ । ସେ ଉଦ୍ଧାର କରନ୍ତି ଓ ରକ୍ଷା କରନ୍ତି ପୁଣି ସେ ସ୍ୱର୍ଗରେ ଓ ପୃଥିବୀରେ ଚିହ୍ନ ଓ ଅଦ୍ଭୁତ କ୍ରିୟା ସାଧନ କରନ୍ତି....." (ଦାନିୟେଲ ୬:୨୩-୨୭) ।

ବିଜାତୀୟ ରାଜା ଦାରିୟାବସ ସଦାପ୍ରଭୁଙ୍କ ମହାନତା ଓ କୀର୍ତ୍ତି ଏଠାରେ ବର୍ଣ୍ଣନା କରିଅଛନ୍ତି ।

**୧. ସେ ଜୀବିତ ପରମେଶ୍ୱର ଅଟନ୍ତି :** ଆମ୍ଭମାନଙ୍କ ପରମେଶ୍ୱର ଜୀବିତ ପରମେଶ୍ୱର ଅଟନ୍ତି । ସେ ସ୍ୱୟଂଜୀବୀ ଓ ଜୀବନଦାଣ ଅଟନ୍ତି । ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କରି ତାହାର ନାସିକାରନ୍ଧ୍ରରେ ଫୁଙ୍କ ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ, ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା (ଆଦି

୨:୭) । ଯୀଶୁ କହିଲେ,"ମୁଁ ପଥ, ସତ୍ୟ ଓ ଜୀବନ" (ଯୋହନ ୧୪:୬) । "ତାହାଙ୍କ ଠାରେ ଜୀବନ ଥିଲା...." (ଯୋହନ ୧:୪) । "ପିତା ଯେପରି ସ୍ୱୟଂଜୀବୀ, ସେହିପରି ସେ ପୁତ୍ରଙ୍କୁ ମଧ୍ୟ ସ୍ୱୟଂଜୀବୀ ହେବାକୁ ଦେଇଅଛନ୍ତି ।....." (ଯୋହନ ୫:୨୬) ଯୀଶୁ କହିଲେ,".........ମୁଁ ପୁନଃରୁତ୍ଥାନ ଓ ଜୀବନ, ଯେ ମୋ' ଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମନୁଷ୍ୟମାନେ ଯେପରି ପ୍ରଚୁରଭାବେ ଜୀବନପାଆନ୍ତି, ଏଥି ନିମନ୍ତେ ଯୀଶୁଖ୍ରୀଷ୍ଟ ଏହି ଜଗତକୁ ଆସିଥିଲେ ।

**ନିତ୍ୟସ୍ଥାୟୀ ପରମେଶ୍ୱର ଅଟନ୍ତି :** ଏହି ଜଗତ ଅନିତ୍ୟ । କିନ୍ତୁ ସଦାପ୍ରଭୁ ପରମେଶ୍ୱର ନିତ୍ୟସ୍ଥାୟୀ ପରମେଶ୍ୱର ଅଟନ୍ତି । ତାହାଙ୍କର ମରଣ ନାହିଁ କିଅବା ଅନ୍ତ ନାହିଁ । ସେ ଅନାଦି ଓ ଅନନ୍ତ ପରମେଶ୍ୱର ଅଟନ୍ତି । ସଦାପ୍ରଭୁ ଯୁଗାନୁଯୁଗେ ଅନନ୍ତକାଳ ରାଜତ୍ୱ କରନ୍ତି । (ଯାତ୍ରା ୧୫:୧୮) ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ସ୍ୱୟଂ ପିତା ପରମେଶ୍ୱର କହନ୍ତି,".........ହେ ପ୍ରଭୁ, ତୁମ୍ଭେ ଆରମ୍ଭରେ ପୃଥିବୀର ଭିତ୍ତିମୂଳ ସ୍ଥାପନ କରିଅଛ, ପୁଣି ଆକାଶମଣ୍ଡଳ ତୁମ୍ଭ ହସ୍ତକୃତ କର୍ମ, ସେହି ସବୁ ବିନଷ୍ଟ ହେବ, କିନ୍ତୁ ତୁମ୍ଭେ ନିତ୍ୟସ୍ଥାୟୀ........." (ଏବ୍ରୀ ୧:୧୧) ଯୀଶୁ ଆପଣା ବିଷୟରେ କହିଲେ,".........ଆଉ ଦେଖ, ଆମ୍ଭେ ଯୁଗେ ଯୁଗେ ଜୀବିତ ଅଟୁଁ....." (ପ୍ରକାଶିତ ୧:୧୮) ସଦାପ୍ରଭୁଙ୍କ ବାକ୍ୟ, ତାହାଙ୍କ ଦୟା ଅନନ୍ତକାଳ ସ୍ଥାୟୀ । "ପୁଣି, ସଂସାର ଓ ସେଥିର ଅଭିଳାଷ, ଅନିତ୍ୟ, ମାତ୍ର ଯେ ଈଶ୍ୱରଙ୍କ ବାକ୍ୟ ପାଳନ କରେ, ସେ ନିତ୍ୟସ୍ଥାୟୀ । (୧ମ ଯୋହନ ୨:୧୭), (ଗୀତ ୯୩:୨)

**ତାହାଙ୍କ ରାଜ୍ୟ ଅବିନାଶ ଅଟେ :** ଆମ୍ଭମାନଙ୍କ ଅନନ୍ତକାଳୀନ ପିତା, ଅନନ୍ତକାଳ ରାଜା ଅଟନ୍ତି । ସମସ୍ତ ପ୍ରଭାବ, ଗୌରବ, ସତ୍ତ୍ୱ ତାହାଙ୍କର । "....... ସେ ସମୁଦାୟ ପୃଥିବୀ ଉପରେ ମହାନ୍ ରାଜା ଅଟନ୍ତି .......ପରମେଶ୍ୱର ସମୁଦାୟ ପୃଥିବୀର ରାଜା ଅଟନ୍ତି........ଗୋଷ୍ଠୀବର୍ଗ ଉପରେ ରାଜତ୍ୱ କରନ୍ତି .........ପରମେଶ୍ୱର ଆପଣା ପବିତ୍ର ସିଂହାସନରେ ଉପବିଷ୍ଟ ।" (ଗୀତ ୪୭:୨-୮) । ଏବ୍ରୀ ପୁସ୍ତକକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ବିଷୟରେ କହନ୍ତି,".........ତାହାଙ୍କୁ ସେ ସମସ୍ତ ବିଷୟରେ ଅଧିକାରୀ କରି ନିଯୁକ୍ତ କଲେ.........ଉର୍ଦ୍ଧ୍ୱସ୍ଥ ମହାମହିମଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଅଛନ୍ତି.........."ହେ ଈଶ୍ୱର, ତୁମ୍ଭର ସିଂହାସନ ଅନନ୍ତକାଳସ୍ଥାୟୀ, ପୁଣି ନ୍ୟାୟର ଦଣ୍ଡ ତୁମ୍ଭର ରାଜଦଣ୍ଡ ଅଟେ ।" (ଏବ୍ରୀ ୧:୨-୭) । ଯୀଶୁଖ୍ରୀଷ୍ଟ ଏହି ଜଗତରେ ଆପଣା ମଣ୍ଡଳୀରୂପ ରାଜ୍ୟ ସ୍ଥାପନ କରିଅଛନ୍ତି । "ପୁଣି, ସେହି ରାଜ୍ୟଗଣର ସମୁଦାୟ ସ୍ୱର୍ଗସ୍ଥ ପରମେଶ୍ୱର ଗୋଟିଏ ରାଜ୍ୟ ସ୍ଥାପନ

କରିବେ, ତାହା କଦାଚ ବିନଷ୍ଟ ହେବ ନାହିଁ, କିଅବା ତହିଁର ଆଧିପତ୍ୟ ଅନ୍ୟ ଗୋଷ୍ଠୀର ହସ୍ତରେ ଛଡ଼ାଯିବ ନାହିଁ, ମାତ୍ର ତାହା ଏହିସବୁ ରାଜ୍ୟକୁ ଖଣ୍ଡ ଖଣ୍ଡ ଓ ନଷ୍ଟ କରି ଆପେ ଚିରସ୍ଥାୟୀ ହେବ ।'' (ଦାନିୟେଲ ୨:୪୪) । ସେହି ରାଜ୍ୟ ଈଶ୍ୱର ଖ୍ରୀ:ଜ: ୩୩ ମସିହାରେ ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ସ୍ଥାପନ କରିଥିଲେ । (ପ୍ରେରିତ ୨ୟ ପର୍ବ) । ଯୁଗାନ୍ତ ସମୟରେ ''..ସେ ସମସ୍ତ କର୍ତ୍ତାପଣ, ସମସ୍ତ କ୍ଷମତା ଓ ଶକ୍ତି ଲୋପ କଲା ଉତ୍ତାରେ ପିତା ଈଶ୍ୱରଙ୍କୁ ରାଜତ୍ୱ ସମର୍ପଣ କରିବେ ।'' (୧ମ କରିନ୍ଥୀ ୧୫:୨୫)

**ତାହାଙ୍କର କର୍ତ୍ତୃତ୍ୱ ଶେଷ ପର୍ଯ୍ୟନ୍ତ ହିଁ ଥିବ :** ସଦାପ୍ରଭୁ ଅନନ୍ତକାଳୀନ ରାଜା ଅଟନ୍ତି । ''ସଦାପ୍ରଭୁ ରାଜ୍ୟ କରନ୍ତି.........'' (ଗୀତ ୯୩:୧,୯୬:୧୦, ୯୭:୧, ୯୯:୧) । ରାଜା ନବୂଖଦ୍‌ନିତ୍ସର କହିଲେ,''........ମୁଁ ସର୍ବପରି ସ୍ଥିତଙ୍କର ଧନ୍ୟବାଦ କଲି ଓ ଅନନ୍ତଜୀବୀ, ତାହାଙ୍କର ପ୍ରଶଂସା ସମାଦର କଲି, କାରଣ ତାହାଙ୍କର କର୍ତ୍ତୃତ୍ୱ ଅନନ୍ତକାଳୀନ ଓ ତାହାଙ୍କର ରାଜ୍ୟ ପୁରୁଷାନୁକ୍ରମେ ଥାଏ ।'' (ଦାନିୟେଲ୍ ୪:୩୪) ''.........ତାହାଙ୍କର ରାଜ୍ୟ ଅନନ୍ତକାଳୀନ ରାଜ୍ୟ ଓ ତାହାଙ୍କ କର୍ତ୍ତୃତ୍ୱ ପୁରୁଷାନୁକ୍ରମେ ଥାଏ ।'' (ଦାନିୟେଲ ୪:୩)

**ସେ ଉଦ୍ଧାର କରନ୍ତି :** ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା, ସର୍ବଶକ୍ତିମାନ ପରମେଶ୍ୱର ଅଟନ୍ତି । ସମସ୍ତ ଆପଦରୁ ଆମ୍ଭମାନଙ୍କୁ ଉଦ୍ଧାର କରନ୍ତି । ପୃଥିବୀର ମହାବନ୍ୟା ସମୟରେ ନୋହ ଓ ତାହାଙ୍କ ପରିବାରକୁ ଉଦ୍ଧାର କରିଥିଲେ । ଅବ୍ରାହମ, ଇସ୍‌ହାକ, ଯାକୁବଙ୍କୁ ଅନେକ ଆପଦଠାରୁ ଉଦ୍ଧାର କରିଥିଲେ । ଯୋସେଫଙ୍କୁ ଭାଇମାନଙ୍କ କୁଚକ୍ର ଠାରୁ ଉଦ୍ଧାର କରିଥିଲେ । ଇଶ୍ରାଏଲୀୟମାନଙ୍କୁ ମିସରୀୟ ଦାସତ୍ୱରୁ ଉଦ୍ଧାର କରିଥିଲେ । ଇଶ୍ରାଏଲୀୟମାନେ ପ୍ରାନ୍ତରରେ ଅଗ୍ରସର ହେବାବେଳେ ସୁଫ ସମୁଦ୍ର ଦ୍ୱିଭାଗ କରି, ଫାରୋ ସୈନ୍ୟ ହସ୍ତରୁ ସେମାନଙ୍କୁ ଉଦ୍ଧାର କରିଥିଲେ । ଶଦ୍ରକ, ମୈଶକ୍, ଅବିନ୍ଦନଗୋଙ୍କୁ ଅଗ୍ନିକୁଣ୍ଡରୁ, ଦାନିୟେଲଙ୍କୁ ସିଂହଗର୍ତ୍ତରୁ ଉଦ୍ଧାର କରିଥିଲେ । ଆଖିପତା ଯେପରି ଆଖିକୁ ଘୋଡ଼ାଇ ରଖେ, କୁକୁଡ଼ା ଯେପରି ଆପଣା ଛୁଆମାନଙ୍କୁ ଆପଣା ଡେଣା ତଳେ ଘୋଡ଼ାଇ ରଖେ, ସଦାପ୍ରଭୁ ଆପଣା ସନ୍ତାନମାନଙ୍କୁ ଆପଣା ଡେଣା ତଳେ ସୁରକ୍ଷିତ ଭାବେ ରଖନ୍ତି, ''ଧାର୍ମିକର ବିପଦ ଅନେକ, ମାତ୍ର ସେସବୁରୁ ସଦାପ୍ରଭୁ ତାହାଙ୍କୁ ଉଦ୍ଧାର କରନ୍ତି ।'' (ଗୀତ ୩୪:୧୯)

**ସେ ରକ୍ଷା କରନ୍ତି :** ଅନାଦି ଅନନ୍ତ ଆମ୍ଭମାନଙ୍କ ପିତା ପରମେଶ୍ୱର ଆମ୍ଭମାନଙ୍କ ରକ୍ଷା କର୍ତ୍ତା ଅଟନ୍ତି । ରକ୍ଷଣା ସଦାପ୍ରଭୁଙ୍କ ଠାରୁ ଆସେ । ଯେଉଁ ସଦାପ୍ରଭୁ ଆମ୍ଭମାନଙ୍କୁ ରକ୍ଷା କରନ୍ତି ସେ ଘୁମାଅନ୍ତି ନାହିଁ କି ନିଦ୍ରାଯାନ୍ତି ନାହିଁ । ଯେଉଁ ସଦାପ୍ରଭୁ

ସିଂହ ହାତରୁ ଓ ଭାଲୁ ହାତରୁ ଦାଉଦଙ୍କୁ ରକ୍ଷା କରିଥିଲେ, ସେ ଗୋଲୀୟାତ ହସ୍ତରୁ ତାହାଙ୍କୁ ରକ୍ଷା କରିଥିଲେ (୧ମ ଶାମୁୟେଲ ୧୭:୩୭) । ମନୁଷ୍ୟମାନଙ୍କୁ ପାପରୁ ରକ୍ଷା କରିବା ନିମନ୍ତେ, ଯୀଶୁଖ୍ରୀଷ୍ଟ ଏହି ଜଗତକୁ ଅବତରଣ କରିଥିଲେ । "ଦେଖ, ଯେଉଁମାନେ ସଦାପ୍ରଭୁଙ୍କୁ ଭୟ କରନ୍ତି, ତାହାଙ୍କ ଦୟାରେ ଭରସା କରନ୍ତି, ସେମାନଙ୍କ ପ୍ରାଣ ମୃତ୍ୟୁରୁ ରକ୍ଷା କରିବା ପାଇଁ ଓ ଦୁର୍ଭିକ୍ଷ ସମୟରେ ସେମାନଙ୍କୁ ବଞ୍ଚାଇବା ପାଇଁ ସେମାନଙ୍କ ଉପରେ ତାହାଙ୍କ ଦୃଷ୍ଟି ଥାଏ ।" (ଗୀତ ୩୩:୧୯) ସେ ଝୁଣ୍ଟିପଡ଼ିବା ଠାରୁ ଆମ୍ଭମାନଙ୍କ ଚରଣକୁ, ଲୋତକରୁ ଆମ୍ଭମାନଙ୍କ ଚକ୍ଷୁକୁ ଓ ମୃତ୍ୟୁରୁ ଆମ୍ଭମାନଙ୍କ ପ୍ରାଣକୁ ରକ୍ଷା କରନ୍ତି (ଗୀତ ୧୧୬:୮)

ବିଜାତୀୟ ରାଜା ଦାରିୟାବସ ଦାନିୟେଲଙ୍କୁ ସିଂହଗର୍ତ୍ତରୁ ବାହାରକୁ ଆଣି, ସଦାପ୍ରଭୁଙ୍କ ଗୁଣଗାନ କରିଥିଲେ, ରାଜ୍ୟସ୍ଥ ସମୁଦାୟ ପ୍ରଦେଶର ଲୋକମାନଙ୍କୁ ଦାନିୟେଲଙ୍କର ପରମେଶ୍ୱରଙ୍କ ଛାମୁରେ କମ୍ପିତ ଓ ଭୀତ ହେବାକୁ ଆଜ୍ଞା ଦେଇଥିଲେ । ଆସ ଆମ୍ଭେମାନେ ସେହି ମହାନ ପରମେଶ୍ୱରଙ୍କ ଡେଣା ତଳେ ଆଶ୍ରୟ ନେବା ।

***- Kabita Gootam***

❋❋❋

# ଖ୍ରୀଷ୍ଟ ଯୀଶୁଙ୍କର ମନ
## (The Mind of Christ)

ଖ୍ରୀଷ୍ଟ ଯୀଶୁଙ୍କର ମନ, ଏହି ପଞ୍ଚାବୃତ୍ତ ମଧ୍ୟରୁ ତାଙ୍କରି ଜୀବନୀ ଓ ମନ ଏକ ପ୍ରକାର ଅଲଗା ଓ ଆଶ୍ଚର୍ଯ୍ୟ ଜନକ ଏବଂ ଅତୁଳନୀୟ ଅଟେ । ଏଣୁ ପ୍ରେରିତ ପାଉଲ, "ପବିତ୍ର ଆତ୍ମାରେ" ଆବୃତ୍ତ ହୋଇ ଲେଖନ୍ତି, "ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେହିପରି ମନ ହେଉ ।" (ଫିଲିପ୍ ୨:୫)

ଖ୍ରୀଷ୍ଟ ଯୀଶୁଙ୍କର ମନ ସବୁବେଳେ ବିନମ୍ରତା ଆଜ୍ଞାବହ, ପ୍ରେମକାରୀ, ବିଶ୍ୱସ୍ତ, କ୍ଷମାକାରୀ, ଦୟା (ଅନୁକମ୍ପା) ଓ ଇଚ୍ଛାପୂର୍ଣ୍ଣ ଥିଲା ।

**ଖ୍ରୀଷ୍ଟଙ୍କର ଆତ୍ମାଗୁଣଗୁଡ଼ିକ :**

**(କ) ବିନମ୍ରତା :** ସେ ଏକ ବିନମ୍ରତା ଜୀବନଯାପନ କଲେ, "ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେହିପରି ମନ ହେଉ । ସେ ଈଶ୍ୱରରୂପୀ ହେଲେ ହେଁ ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ଦାସ ରୂପ

ଧାରଣ କରି ଆପଣାକୁ ଶୂନ୍ୟ କଲେ, ପୁଣି କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ, (ଫିଲିପ ୨:୫-୮) । ସେ ଅନ୍ୟମାନଙ୍କର ନିକଟରେ ଅବନତ କରିବା ପାଇଁ ଶିକ୍ଷା ଦେଇଥିଲେ (ମାଥିଉ ୧୮:୧-୩) । ସେ ବିନମ୍ରତାର କର୍ମଗୁଡ଼ିକ କଲେ, (ପାଦ ଧୋଇଲେ), (ଯୋହନ ୧୩:୧-୧୭) ।

**(ଖ) ଆଜ୍ଞାବହତା :** ମୋହର ପିତାଙ୍କ ଇଚ୍ଛା ସାଧନ କରିବାକୁ ଆସିଅଛି । କାରଣ ମୁଁ ନିଜ ଇଚ୍ଛା ସାଧନ କରିବାକୁ ଅବତରଣ ନ କରି ବରଂ ମୋହର ପ୍ରେରଣା କର୍ତ୍ତାଙ୍କ ଇଚ୍ଛା ସାଧନ କରିବାକୁ ସ୍ୱର୍ଗରୁ ଅବତରଣ କରିଅଛି ...... (ଯୋହନ ୬:୩୮,୩୯) । ସେ ଆଜ୍ଞାବହତା ଶିକ୍ଷା କଲେ । ''ପୁତ୍ର ହେଲେ ହେଁ ଦୁଃଖ ଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କଲେ, (ଏବ୍ରୀ ୫:୮) । କ୍ରୁଶ ଉପରେ ''ତାଙ୍କ କାର୍ଯ୍ୟ ସମାପ୍ତ ହେଲା'' ସେଥିରେ ଯୀଶୁ ସେହି ଅମ୍ଳରସ ପାନ କରି କହିଲେ, ''ସମାପ୍ତ ହେଲା...'' (ଯୋହନ ୧୯:୩୦) ।

**(ଗ) ପ୍ରେମ :** ସେ ସମସ୍ତଙ୍କୁ ପ୍ରେମ କଲେ, ''କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ ସେ ବିନଷ୍ଟ ନହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ'', (ଯୋହନ ୩:୧୬) । ସେ ତାହାଙ୍କ ଶତ୍ରୁମାନଙ୍କୁ ମଧ୍ୟ ସମାନ ଭାବରେ ପ୍ରେମ କଲେ (ମାଥିଉ ୫:୪୩-୪୪) ।

**(ଘ) ବିଶ୍ୱସ୍ତ, ଯିହୋବା ଈଶ୍ୱରଙ୍କ ନିକଟରେ ଭରସା :** ପିତାଙ୍କ ଉପରେ ନିର୍ଭର (ଭରସା) ରଖିବା, ''ମୁଁ ଆପଣାରୁ କିଛି କରିପାରେ ନାହିଁ, .........କାରଣ ମୁଁ ଆପଣାର ଇଚ୍ଛା ସାଧନ କରିବାକୁ ଚେଷ୍ଟା ନକରି ମୋହର ପ୍ରେରଣା କର୍ତ୍ତାଙ୍କର ଇଚ୍ଛା ସାଧନ କରିବାକୁ ଚେଷ୍ଟା କରେ'' (ଯୋହନ ୫:୩୦) ସମସ୍ତ ବିଶ୍ୱାସ ପିତାଙ୍କର ଇଚ୍ଛାଧିନ, ''ମୋତେ ପ୍ରଭୁ ପ୍ରଭୁ ବୋଲି ଡାକନ୍ତି.........., ସେ ଯେ ମୋହର ପ୍ରେରଣା କର୍ତ୍ତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ (ମାଥିଉ ୭:୨୧) ।

**(ଙ) କ୍ଷମା :** ସେ ଅନ୍ୟମାନଙ୍କର କ୍ଷମା ଦେବା ନିମନ୍ତେ କହିଥିଲେ (ମାଥିଉ ୫:୪୩-୪୪) । ''ସେତେବେଳେ ପିତର ତାହାଙ୍କ ପାଖକୁ ଆସି ପଚାରିଲେ, ହେ ପ୍ରଭୁ, କେତେଥର ମୋହର ଭାଇ ମୋ ବିରୁଦ୍ଧରେ ପାପ କଲେ ମୁଁ କ୍ଷମା କରିବି ? କି ସାତଥର ପର୍ଯ୍ୟନ୍ତ ? ଯୀଶୁ ତାହାକୁ କହିଲେ, ତୁମକୁ କେବଳ ସାତଥର ପର୍ଯ୍ୟନ୍ତ କହୁନାହିଁ, ମାତ୍ର ସତୁରୀ ଗୁଣ ସାତ ଥର ପର୍ଯ୍ୟନ୍ତ'', (ମାଥିଉ ୧୮:୨୧-୨୨) । ସେ ଅନ୍ୟମାନଙ୍କୁ କ୍ଷମା କଲେ । ''ସେତେବେଳେ ଯୀଶୁ କହିଲେ, ପିତଃ, ,ମାନଙ୍କୁ

କ୍ଷମା କର....(ମାଥିଉ ୨୩:୩୪) ।

**(ଚ) ଦୟା, ମୃଦୁଶୀଳ :** ସେ ପାପିଷ୍ଠା ସ୍ତ୍ରୀ ପ୍ରତି ଦୟା ଦେଖାଇଲେ (ଲୁକ ୭:୩୬-୫୦) ଏବଂ ମଧ୍ୟ ସେ ବ୍ୟଭିଚାରୀ କର୍ମରେ ଧୃତା ଜଣେ ସ୍ତ୍ରୀ ଲୋକ ପ୍ରତି ଅନୁକମ୍ପା ଦେଖାଇଲେ (ଯୋହନ ୮:୧-୧୧) ।

**(ଛ) ବଳିଦାନ ହେବା ପାଇଁ ଇଚ୍ଛାପୂର୍ଣ୍ଣ ଅଟନ୍ତି :** ସେ ସମସ୍ତ ମାନବ ଜାତି ପାଇଁ ''ମୃତ୍ୟୁ ଭୋଗିଲେ'', କିନ୍ତୁ ଦୂତମାନଙ୍କ ଅପେକ୍ଷା ସେ ଅଳ୍ପ ସମୟ ନ୍ୟୁନୀକୃତ ହୋଇଥିଲେ.....ଯେପରି ଈଶ୍ୱରଙ୍କ ଅନୁଗ୍ରହରେ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ସେ ମୃତ୍ୟୁ ଆସ୍ୱାଦନ କରନ୍ତି (ଏବ୍ରୀ ୨:୯) । ସେ କ୍ରୁଶ ଉପରେ ଦୁଃଖ (ଯନ୍ତ୍ରଣା) ଭୋଗିଲେ (ଯୋହନ ୧୯:୧୭-୩୦) । ସେ ମଣ୍ଡଳୀକୁ ନିଜ ରକ୍ତ ଦ୍ୱାରା କଲେ । ''ତୁମ୍ଭେମାନେ ନିଜ ନିଜ ବିଷୟରେ, ଆଉ ଯେଉଁ ମଣ୍ଡଳୀକି ଈଶ୍ୱର ନିଜ ରକ୍ତରେ କ୍ରୟ କରିଅଛନ୍ତି,.....ସେମାନଙ୍କ ବିଷୟରେ ସାବଧାନ ହୋଇଥାଅ (ପ୍ରେରିତ ୨୦:୨୮) ।

ଆପଣ ଏହି ବାକ୍ୟାଂଶ ଅଧ୍ୟୟନ କଲାପରେ, ଖ୍ରୀଷ୍ଟ ଯୀଶୁଙ୍କର ମନ ପରି ହେବାକୁ ଚାହୁଁଛନ୍ତି ? ତେବେ, ସୁସମାଚାର ବିଶ୍ୱାସ କରନ୍ତୁ, ଆଜି ତାହାଙ୍କ ଠାରେ ବାପ୍ତିଜିତ ହୁଅନ୍ତୁ, ଏବଂ ଖ୍ରୀଷ୍ଟ ଯୀଶୁଙ୍କର ମନ ପରି ଜୀବନଯାପନ କରନ୍ତୁ ।

***- Masia Goinango (Orissa)***

❋❋❋

# ସ୍ୱର୍ଗ ଅପେକ୍ଷା କରେ

## (Heaven is waiting)

ସଦାପ୍ରଭୁ ଏକ ସ୍ଥାନ ସୃଷ୍ଟି କଲେ, ଯାହାକୁ ମୋଶା ସ୍ୱର୍ଗ ବୋଲି ନାମ ଦିଅନ୍ତି । ସେହି ସମୟରେ ସେ ପୃଥିବୀକୁ ମଧ୍ୟ ସୃଷ୍ଟି କରିଥିଲେ । ସ୍ୱର୍ଗ ସଦାପ୍ରଭୁଙ୍କ ନିବାସ ସ୍ଥଳ ଓ ପୃଥିବୀ ମନୁଷ୍ୟମାନଙ୍କ ନିବାସସ୍ଥଳ । ସଦାପ୍ରଭୁ ପରମେଶ୍ୱର ଆପଣା ନିମନ୍ତେ, ଆପଣାର ଦୂତମାନଙ୍କ ନିମନ୍ତେ ଓ ଆପଣାର ଅଦ୍ୱିତୀୟ ପୁତ୍ରଙ୍କନିମନ୍ତେ ନିର୍ମିତ କଲେ । ଅନନ୍ତକାଳ ସମୟରେ ସେ ସେହି ଅନନ୍ତ ଗୃହ ଠାରେ ଆମ୍ଭମାନଙ୍କ ନିମନ୍ତେ ସ୍ଥାନ ଦେବେ ବୋଲି ସେ ପ୍ରତିଜ୍ଞା କରିଅଛନ୍ତି ।

ସୃଷ୍ଟି ସମୟରେ ଯୀଶୁଖ୍ରୀଷ୍ଟ ସୃଷ୍ଟିକର୍ତ୍ତା ପିତା ପରମେଶ୍ୱରଙ୍କ ସହିତ ଥିଲେ । ରକ୍ତମାଂସର ଶରୀର ଧାରଣ କରି ଏହି ଜଗତକୁ ଆସିବା ପୂର୍ବେ ସେ ପିତା ପରମେଶ୍ୱରଙ୍କ

ସହିତ ସ୍ୱର୍ଗରେ ଥିଲେ । ପୃଥିବୀରେ ତାହାଙ୍କୁ ପ୍ରଦତ୍ତ କାର୍ଯ୍ୟ ସମାପ୍ତ କରି, ପୁନଃର୍ବାର ସଦାପ୍ରଭୁଙ୍କ ନିକଟକୁ ଫେରିଗଲେ । ମନୁଷ୍ୟର ପତନ ପରେ ସଦାପ୍ରଭୁ ପରମେଶ୍ୱର ଏଦନ ଉଦ୍ୟାନରୁ ଜୀବନର ବୃକ୍ଷ କାଢ଼ି ନେଇ ପାରଦୀଶରେ ରୋପଣ କଲେ । ସ୍ୱର୍ଗ ପ୍ରସ୍ତୁତ କରାଯାଇଅଛି, ପବିତ୍ର ଓ ସିଦ୍ଧ ଆତ୍ମାମାନେ ସେଠାରେ ପ୍ରବେଶ କରି ବାସ କରିବେ ।

ଯେଉଁ ସ୍ୱର୍ଗ ଆମ୍ଭମାନଙ୍କ ଅପେକ୍ଷାରେ ଅଛି, ସେଠାରେ ଆମ୍ଭେମାନେ କାହାକୁ ପାଇପାରିବା ? ଆପଣଙ୍କ ଓ ମୋ' ପାଇଁ ଆମ୍ଭମାନଙ୍କ ପିତା ଅପେକ୍ଷା କରୁଅଛନ୍ତି, ଆମ୍ଭେମାନେ ଏହି ପାପମୟ ଜଗତରୁ ମୁକ୍ତ ହୋଇ ସ୍ୱର୍ଗକୁ ଫେରିଗଲେ । ଆମ୍ଭମାନଙ୍କ ସ୍ୱର୍ଗମୟ ପିତା ଆମ୍ଭମାନଙ୍କୁ ଦେଖି କେତେ ଆନନ୍ଦିତ ନ ହେବେ ? ଯୀଶୁଖ୍ରୀଷ୍ଟଙ୍କ ବର୍ଣ୍ଣିତ ପଥହରା ପୁତ୍ରର କାହାଣୀରେ, ପିତା ଦୌଡ଼ିଯାଇ ଆପଣା ପୁତ୍ରକୁ ଆଲିଙ୍ଗନ କରିବା ସବୁଠାରୁ ମର୍ମାହତ ଦୃଶ୍ୟ । ଆମ୍ଭମାନଙ୍କ ପ୍ରେମମୟ ପିତା, ତାହାଙ୍କ ଗୃହ ଅର୍ଥାତ୍ ମଣ୍ଡଳୀରେ ଆମ୍ଭମାନଙ୍କ ପ୍ରବେଶ ନିମନ୍ତେ ଅପେକ୍ଷାରେ ଅଛନ୍ତି । ଆମ୍ଭମାନଙ୍କ ଆତ୍ମାକୁ ଅହସ୍ତ ନିର୍ମିତ ଅନନ୍ତ ସ୍ୱର୍ଗରେ ଗ୍ରହଣ କରିବା ନିମନ୍ତେ ସେ ଅପେକ୍ଷାରେ ଅଛନ୍ତି ।

**ଯୀଶୁ ଅପେକ୍ଷାରେ ଅଛନ୍ତି :** ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ଯେଉଁ ନିତ୍ୟସ୍ଥାୟୀ ଗୃହ ନିର୍ମାଣ କରୁଅଛନ୍ତି, ସେଥିରେ ଆମ୍ଭମାନଙ୍କୁ ଘେନିଯିବା ନିମନ୍ତେ ପିତା ପରମେଶ୍ୱରଙ୍କ ଆତ୍ମା ନିମନ୍ତେ ସେ ଅପେକ୍ଷାରେ ଅଛନ୍ତି । ଜଣେ କେହି ମଧ୍ୟ ବିନଷ୍ଟ ନହୋଇ ଅନନ୍ତଜୀବନ ପ୍ରାପ୍ତ ହୁଅନ୍ତୁ ବୋଲି ସେ ଇଚ୍ଛା ପ୍ରକାଶ କରିଅଛନ୍ତି । ଖ୍ରୀଷ୍ଟ ୧୯୦୦ ବର୍ଷ ପୂର୍ବେ ସ୍ୱର୍ଗାରୋହଣ ହୋଇ ଆମ୍ଭମାନଙ୍କ ନିମନ୍ତେ ନିବାସସ୍ଥଳ ପ୍ରସ୍ତୁତ କରୁଅଛନ୍ତି । ମେଘାରୂଢ଼ ହୋଇ ସେ ଦିନେ ଫେରିଆସି ଆମ୍ଭମାନଙ୍କୁ ସେହି ନିତ୍ୟସ୍ଥାନକୁ ଘେନିଯିବେ । ତାହାଙ୍କ ସହିତ ଆମ୍ଭେମାନେ ସଦାକାଳ ବାସ କରିବୁ ।

**ଦୂତମାନେ ଅପେକ୍ଷାରେ ଅଛନ୍ତି :** ଦୂତମାନେ ଆମ୍ଭମାନଙ୍କ ନିମନ୍ତେ ଅପେକ୍ଷାରେ ଅଛନ୍ତି । ଜଣେ ପାପୀ ମନପରିବର୍ତ୍ତନ କଲେ ସଦାପ୍ରଭୁଙ୍କ ସମ୍ମୁଖସ୍ଥ ଦୂତମାନେ ଆନନ୍ଦ କରନ୍ତି । ପୃଥିବୀର ପାପୀ ମନ ପରିବର୍ତ୍ତନ କଲେ ସ୍ୱର୍ଗସ୍ଥ ଦୂତମାନେ ଆନନ୍ଦିତ ହେଲେ, ଯେବେ ସେମାନେ ସଦାପ୍ରଭୁଙ୍କ ସହିତ ଯୁଗେ ଯୁଗେ ବାସ କରିବେ ଆଉ କେତେ ଆନନ୍ଦିତ ନହେବେ ? ସେମାନେ ଆମ୍ଭମାନଙ୍କ ନିମନ୍ତେ ହସ୍ତ ବିସ୍ତାର କରିଅଛନ୍ତି !

**ମୃତ ସାଧୁମାନେ ଅପେକ୍ଷାରେ ଅଛନ୍ତି :** ସାଧୁମାନେ, ପୁନଃରୁ଼ଥାନ ପରେ ଆମ୍ଭମାନଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଅପେକ୍ଷାରେ ଅଛନ୍ତି । ପୁନଃରୁ଼ଥାନ ସମୟରେ ଖ୍ରୀଷ୍ଟଙ୍କ ଠାରେ ମୃତ୍ୟୁ ଭୋଗିବା ଲୋକେ ଅକ୍ଷୟ ଶରୀର ଧାରଣ କରି, ଏବଂ ଖ୍ରୀଷ୍ଟଙ୍କ ଠାରେ ଜୀବିତ ହୋଇଥିବା ଲୋକେ ପୁନଃରୁ଼ଥାନ ସମୟରେ ପରିବର୍ତ୍ତିତ ହୋଇ ଖ୍ରୀଷ୍ଟଙ୍କ ସହିତ ସଦାକାଳ ରହିବା ନିମନ୍ତେ ସ୍ୱର୍ଗକୁ ନୀତ ହେବୁ ।

ମୋଶା ଓ ମେଷଶାବକଙ୍କ ସହିତ ମିଳିତ ଭାବେ ସଦାପ୍ରଭୁ ପରମେଶ୍ୱରଙ୍କୁ ସ୍ତବଗାନ କରିବା କେତେ ଆନନ୍ଦମୟ ସମାବେଶ ! ଅବ୍ରାହମ, ପ୍ରେରିତମାନଙ୍କ ସହିତ କଥାବାର୍ତ୍ତା କରିବା ନିମନ୍ତେ, ପ୍ରିୟ ବନ୍ଧୁମାନଙ୍କ ନିମନ୍ତେ ଦେଖାସାକ୍ଷାତ କରିବାର ସୁଯୋଗ ପାଇପାରିବା । ସେଥି ନିମନ୍ତେ ପାଉଲ ଇହଜଗତ ତ୍ୟାଗ କରି ସ୍ୱର୍ଗାଲୋକକୁ ଯିବା ଶ୍ରେୟସ୍କର ମଣିଥିଲେ ।

ଯୁବାବସ୍ଥାରେ ସ୍ୱର୍ଗର ଆନନ୍ଦ ସ୍ପଷ୍ଟଭାବେ ବୁଝି ନପାରିଲେ ସୁଦ୍ଧା, କ୍ରମେ କ୍ରମେ ଜଗତର କ୍ଷଣିକ ଆନନ୍ଦ ତ୍ୟାଗ କରି ମନୁଷ୍ୟ ଅନନ୍ତ ଆନନ୍ଦ ନିମନ୍ତେ ଲାଳାୟିତ ହୁଏ ।

**ଧାର୍ମିକତାର ମୁକୁଟ :** ଆମ୍ଭମାନଙ୍କ ନିମନ୍ତେ ଧାର୍ମିକତାର ମୁକୁଟ ଅପେକ୍ଷା କରେ । ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି,"ଅଦ୍ୟାବଧି ମୋ ନିମନ୍ତେ ଧାର୍ମିକତାର ମୁକୁଟ ରଖାଯାଇଅଛି, ତାହା ସେହି ଦିନରେ ନ୍ୟାୟବାଦ ବିଚାରକର୍ତ୍ତା ପ୍ରଭୁ ମୋତେ ଦେବେ, ପୁଣି କେବଳ ମୋତେ ନୁହେଁ, ମାତ୍ର ଯେତେ ଲୋକ ତାହାଙ୍କ ଆଗମନକୁ ପ୍ରିୟ ଜ୍ଞାନ କରନ୍ତି, ସେ ସମସ୍ତଙ୍କୁ ଦେବେ ।" (୨ ତୀମଥି ୪:୮) ଏବ୍ରୀ ୯:୨୮ରେ ଲେଖାଯାଏ,"ଆଉ ପରେ ବିଚାର ନିରୂପିତ ଅଛି, ସେହିପରି ଖ୍ରୀଷ୍ଟ ମଧ୍ୟ ଅନେକଙ୍କ ପାପ ବହନ କରିବା ନିମନ୍ତେ ଥରେ ମାତ୍ର ଉତ୍ସର୍ଗୀକୃତ ହୋଇ ଦ୍ୱିତୀୟଥର ପାପ ସକାଶେ ନୁହେଁ, ବରଂ ଯେଉଁମାନେ ତାହାଙ୍କ ଅପେକ୍ଷାରେ ଅଛନ୍ତି, ସେମାନଙ୍କ ପରିତ୍ରାଣ ନିମନ୍ତେ ଦର୍ଶନ ଦେବେ । ଏଫିସୀୟ ମଣ୍ଡଳୀକୁ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ରହିଲେ ଜୀବନ ମୁକୁଟ ପ୍ରାପ୍ତ ହେବେ ବୋଲି ଯୀଶୁଖ୍ରୀଷ୍ଟ ପ୍ରତିଜ୍ଞା କରିଅଛନ୍ତି । ଏହି ଜୀବନ ମୁକୁଟ ଅନନ୍ତକାଳସ୍ଥାୟୀ ଅଟେ ।

ଏହି ବିଶ୍ୱର ସୃଷ୍ଟିକର୍ତ୍ତା, ଆପଣା ନିମନ୍ତେ ଓ ଆପଣାର ଲୋକମାନଙ୍କ ନିମନ୍ତେ କେତେ ସୁନ୍ଦର ନିବାସ ସ୍ଥାନ ସୃଷ୍ଟି କରି ନଥିବେ ! ବିଚାର ଦିନରେ ଯୀଶୁଖ୍ରୀଷ୍ଟ ଦକ୍ଷିଣ ପାର୍ଶ୍ୱସ୍ଥ ଲୋକମାନଙ୍କୁ କହିବେ,"........ଆସ, ମୋହର ପିତାଙ୍କ ଆଶୀର୍ବାଦ

ପାତ୍ରମାନେ, ତୁମ୍ଭମାନଙ୍କ ନିମନ୍ତେ ଜଗତର ପତ୍ତନାବଧି ଯେଉଁ ରାଜ୍ୟ ପ୍ରସ୍ତୁତ କରାଯାଇଛି, ସେଥିର ଅଧିକାରୀ ହୁଅ ।'' (ମାଥିଉ ୨୫:୩୪) ଆମ୍ଭମାନଙ୍କ ନିମନ୍ତେ ଅର୍ଥାତ୍ ଯେଉଁ ସନ୍ତାନମାନେ ପ୍ରତିମାପୂଜାରୁ ବିମୁଖ ହୋଇ ଜୀବନ ଓ ସତ୍ୟ ପରମେଶ୍ୱରଙ୍କ ନିକଟକୁ ଫେରି ଆସିଅଛୁ, ସ୍ୱର୍ଗ ଲୋକ ଧୈର୍ଯ୍ୟ ସହ ଅପେକ୍ଷା କରେ ।

***-Adron Doran***

❋❋❋

# ଖ୍ରୀଷ୍ଟ କାହିଁକି ମୃତ୍ୟୁ ଭୋଗିଲେ ?
## (Why Christ died ?)

କ୍ରୁଶ ଓ ଖ୍ରୀଷ୍ଟଙ୍କ ମରଣ, ମନୁଷ୍ୟ ପରିତ୍ରାଣର ଖ୍ରୀଷ୍ଟିୟ ଆରାଧନାର ଓ ଖ୍ରୀଷ୍ଟିୟ ଜୀବନର ମୁଖ୍ୟ ବିଷୟବସ୍ତୁ । ନ୍ୟାୟବାନ ଅନ୍ୟାୟରେ, ଧାର୍ମିକ ଅଧାର୍ମିକମାନଙ୍କ ନିମନ୍ତେ, ନିର୍ଦ୍ଦୋଶୀ ଦୋଷୀମାନଙ୍କ ନିମନ୍ତେ ମୃତ୍ୟୁ ଭୋଗିବା ଦେଖୁଅଛୁ । ଯୀଶୁଖ୍ରୀଷ୍ଟଙ୍କ ଅତ୍ୟଧିକ ଭାବେ ପ୍ରେମ କରୁଥିବା ଶିଷ୍ୟ ଯୋହନ ତାହାଙ୍କ ବିଷୟରେ କହନ୍ତି,''....ଏହି ଦେଖ, ଈଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବହି ନେଇଯାଆନ୍ତି ।'' (ଯୋହନ ୧:୨୯) । ଜଗତର ପାପ ଭାର ପରମେଶ୍ୱରଙ୍କ ମେଷଶାବକ ବହି ନେବେ ବୋଲି ଯିଶାଇୟ ୫୩ ପର୍ବରେ ଭାବବ୍ୟାଣୀ ପ୍ରକଟ କରିଥିଲେ ।

କାଲବରୀ କ୍ରୁଶ ଉପରେ ଖ୍ରୀଷ୍ଟ କାହିଁକି ମୃତ୍ୟୁ ଭୋଗିଲେ ତାହାର କେତୋଟି କାରଣ :-

**ରାଜା ହେବା ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁ ଭୋଗିଲେ :** ଯୀଶୁଖ୍ରୀଷ୍ଟ ଏ ଜଗତକୁ ଏକ ଅଶ୍ୱାରୋହୀ ଯୋଦ୍ଧା ରୂପେ ନ ଆସି, ଏକ ନମ୍ର ଗର୍ଦ୍ଦଭାରୋହୀ ହୋଇ ଏ ଜଗତକୁ ଆସିଥିଲେ । (ଜିଖ ୯:୯) । ଦେଶ, ଜାତି, ନଗର ଜୟୀ ହେବାକୁ ନ ଆସି ସେ ମନୁଷ୍ୟମାନଙ୍କ ହୃଦୟ ଜୟ କରିବା ନିମନ୍ତେ ସେ ଏ ଜଗତକୁ ଆସିଥିଲେ । ସେ ଏକ ଜାତି ନେତାରୂପେ ଆସି ନଥିଲେ, କିନ୍ତୁ ସେ ସର୍ବଶ୍ରେଷ୍ଠ ଶିକ୍ଷକ ଅଟନ୍ତି । ସେ ସେବା କରିବାକୁ ଓ ଅନେକଙ୍କ ନିମନ୍ତେ ଆପଣା ପ୍ରାଣ ଦେବା ନିମନ୍ତେ ଏ ଜଗତକୁ ଆସିଥିଲେ । (ମାଥିଉ ୨୦:୨୮) । ସେ କ୍ରୁଶୀୟ ମୃତ୍ୟୁ ଦ୍ୱାରା ମୃତ୍ୟୁକୁ ଜୟ କରି ରାଜାମାନଙ୍କ ରାଜା, ପ୍ରଭୁମାନଙ୍କ ପ୍ରଭୁ ଓ ଆତ୍ମାର ତ୍ରାଣକର୍ତ୍ତା ରୂପେ ନିଯୁକ୍ତ ହୋଇଅଛନ୍ତି । (ମାଥିଉ ୨୦:୨୮) । ସେ ମୃତ୍ୟୁଭୋଗ କରି ଆମ୍ଭମାନଙ୍କ ଆତ୍ମାର ରାଜା ହୋଇଅଛନ୍ତି ।

**ସେ ଯେ ମଶୀହ ଅଟନ୍ତି, ଏହା ପ୍ରମାଣ କରିବା ନିମନ୍ତେ ଯୀଶୁ ମୃତ୍ୟୁ ଭୋଗିଲେ :** କ୍ରୁଶୀୟ ମୃତ୍ୟୁ ଦ୍ୱାରା ସେ ଆପଣାକୁ ମଶୀହ ରୂପେ ପ୍ରମାଣିତ କରିଅଛନ୍ତି । ''.......ସେ ପାପ ମାର୍ଜନା କଲା ଉତ୍ତାରେ ଉର୍ଦ୍ଧ୍ୱସ୍ଥ ମହାମହିମଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରିଅଛନ୍ତି (ଏବ୍ରୀ ୧:୨-୪) ତୃତୀୟ ଦିନରେ ମୃତ୍ୟୁରୁ ଉତ୍ଥିତ ହୋଇ ମୃତ୍ୟୁକୁ ପରାଜୟ କରିଅଛନ୍ତି (୧ମ କରିନ୍ଥୀ ୧୫:୧-୧୯) । କ୍ରୁଶୀୟ ମୃତ୍ୟୁ ଦ୍ୱାରା ସେ ଆପଣା ମଶୀହତ୍ୱ ପ୍ରମାଣିତ କରିଅଛନ୍ତି ।

**ପରମେଶ୍ୱରଙ୍କ ପ୍ରେମ ପ୍ରକାଶ କରିବା ନିମନ୍ତେ ଖ୍ରୀଷ୍ଟ ମୃତ୍ୟୁ ଭୋଗିଲେ :** ପାଉଲ ଲେଖନ୍ତି,''କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁ ଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।'' (ଯୋହନ ୩:୧୬) ଈଶ୍ୱରଙ୍କ ପୁତ୍ରଙ୍କ କ୍ରୁଶୀୟ ମୃତ୍ୟୁର କାରଣ ହେଲା, ମନୁଷ୍ୟମାନଙ୍କ ପ୍ରତି ତାହାଙ୍କ ଅପାର ପ୍ରେମ ।

ଖ୍ରୀଷ୍ଟ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁ ଭୋଗିଲେ : ଆମ୍ଭମାନଙ୍କ ପାପମୋଚନ ନିମନ୍ତେ ଖ୍ରୀଷ୍ଟଙ୍କ ରକ୍ତ ଢଳା ଯାଇଥିଲା (ରୋମୀୟ ୫:୯-୧୧)। ଅତୀତର ପାପୀ ଓ ଭବିଷ୍ୟତର ପାପୀ, ପ୍ରତ୍ୟେକଙ୍କ ପାପକ୍ଷମା ତାହାଙ୍କ ରକ୍ତ ଦ୍ୱାରା ସାଧିତ ହୁଏ । ପାପକ୍ଷମାର ଆବଶ୍ୟକୀୟ ସର୍ତ୍ତ ପାଳନକାରୀ ପ୍ରତ୍ୟେକଙ୍କ ନିମନ୍ତେ ଖ୍ରୀଷ୍ଟଙ୍କ ରକ୍ତ ପାପମୋଚନ କରେ । ସେ ଆମ୍ଭମାନଙ୍କ ନିମନ୍ତେ ''ପ୍ରାୟଶ୍ଚିତ ସ୍ୱରୂପ ଅଟନ୍ତି ।'' (୧ମ ଯୋହନ ୨:୨) ''କାରଣ ଏକମାତ୍ର ଈଶ୍ୱର ଅଛନ୍ତି, ଆଉ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଛନ୍ତି । ଆମ୍ଭମାନଙ୍କ ପାପ ସକାଶେ ପରମେଶ୍ୱର ଠାରୁ ବିଚ୍ଛିନ୍ନ ହୋଇଥିବାରୁ, ଖ୍ରୀଷ୍ଟ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ସହ ସମ୍ମିଳିତ କରନ୍ତି । ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ପୁତ୍ର କ୍ରୁଶରେ ମୃତ୍ୟୁ ଭୋଗିଲେ । ମନୁଷ୍ୟ ପାପ କରି ଯେଉଁ ମହିମା ହରାଇଥିଲା, ଖ୍ରୀଷ୍ଟ ଆପଣା ମୃତ୍ୟୁ ଦ୍ୱାରା ତାହା ପୁନଃସ୍ଥାପନ କରିଅଛନ୍ତି । ଆମ୍ଭମାନଙ୍କ ପାପଲଂଘନର ଶାସ୍ତି ସେ ବହନ କଲେ । ତାହାଙ୍କ ମୃତ୍ୟୁ ଦ୍ୱାରା ପାପୀ ମନୁଷ୍ୟ ପାପରୁ ମୁକ୍ତ ହୋଇ, ନିତ୍ୟାନନ୍ଦର ସ୍ଥାନ 'ସ୍ୱର୍ଗ'ରେ ସଦାକାଳ ସଦାପ୍ରଭୁଙ୍କ ସହ ବାସ କରିବ ।

***- Harlod Bigham***

❋❋❋

# ଛବି ଏକ ସୁସମାଚାର ପ୍ରଚାରକ
## (Pictures of a Preacher)

ଜଗତରେ ପରମେଶ୍ୱରଙ୍କ ଠାରେ ବିଶ୍ୱାସର ବ୍ୟାପ୍ତି ନିମନ୍ତେ ପରମେଶ୍ୱରଙ୍କ ଯୋଜନା ପ୍ରେରିତ ପାଉଲ ୨ ତୀମଥି ୨:୨ ପଦରେ ଉଲ୍ଲେଖ କରନ୍ତି, ଯାହା କହେ, ''ଆଉ ଅନେକ ସାକ୍ଷୀଙ୍କ ସାକ୍ଷାତରେ ଯେଉଁ ସବୁ ବାକ୍ୟ ମୋ' ଠାରୁ ଶୁଣିଅଛ, ଯେଉଁମାନେ ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷା ଦେବାକୁ ସମର୍ଥ, ଏପରି ବିଶ୍ୱସ୍ତ ଲୋକମାନଙ୍କ ନିକଟରେ ସେହିସବୁ ଅର୍ପଣ କର ।'' ଉପ୍ରର ବାକ୍ୟଗୁଡ଼ିକରେ ବିଶ୍ୱସ୍ତ ଓ ଦକ୍ଷ ସୁସମାଚାର ପ୍ରଚାରକମାନଙ୍କ ଓ ଦକ୍ଷ ସୁସମାଚାର ପ୍ରଚାରକମାନଙ୍କ ବ୍ୟକ୍ତିତ୍ୱ ବର୍ଣ୍ଣନା କରାଯାଇଅଛି ।

**ଜଣେ ଉତ୍ତମ ଯୋଦ୍ଧା :** ''ଖ୍ରୀଷ୍ଟ ଯୀଶୁଙ୍କର ଜଣେ ଉତ୍ତମ ଯୋଦ୍ଧା ପରି ମୋ ସହିତ କ୍ଳେଶ ସହ୍ୟ କର ।'' (୨ ତୀମଥି ୨:୩) । କ୍ଳେଶ ଭୋଗିବା ସୈନିକ ଜୀବନର ଏକ ଅଂଶ । ଯୁଦ୍ଧଭୂମିରେ ଶୀତତାପନିୟନ୍ତ୍ରିତ କୋଠରୀ ନଥାଏ । ବାଣ ଓ ବାରୁଦ ସହିତ ଜୀବନଯାପନ କରିବା, କୌଣସି ଭାବେ ଆନନ୍ଦଦାୟକ ନୁହେଁ ।

ଆମ୍ଭମାନଙ୍କ ନିମନ୍ତେ ଏହି ଜଗତ ଏକ ଯୁଦ୍ଧଭୂମି । ଆମ୍ଭମାନଙ୍କ ଯୁଦ୍ଧ ଶାରୀରିକ ନୁହେଁ ''........କିନ୍ତୁ ଆଧିପତ୍ୟ ବିରୁଦ୍ଧରେ କର୍ତ୍ତାପଣ ବିରୁଦ୍ଧରେ, ଏହି ଅନ୍ଧକାରର ଜଗଦ୍‌ପତିମାନଙ୍କ ବିରୁଦ୍ଧରେ, ପୁଣି ଆକାଶ ମଣ୍ଡଳର ଦୁଷ୍ଟାତ୍ମାମାନଙ୍କ ବିରୁଦ୍ଧରେ ।'' (ଏଫିସୀ ୬:୧୨) । ଅନ୍ଧବିଶ୍ୱାସ, ଭ୍ରାନ୍ତଶିକ୍ଷା, ଜାଗତିକ ଅଭିଳାଷ ବିରୁଦ୍ଧରେ ଆମ୍ଭମାନଙ୍କ ଯୁଦ୍ଧ ଚାଲିଅଛି । ଯେଉଁ ପ୍ରଚାରକମାନେ କୌଣସି ଏକ ନିର୍ଦ୍ଦିଷ୍ଟ ସଭାକୁ ପ୍ରତି ସପ୍ତାହ ଶିକ୍ଷା ଦିଅନ୍ତି, ସେମାନେ ଏହି କ୍ଳେଶ ବିଷୟରେ ଜ୍ଞାତ ନୁହନ୍ତି ।

**ଶୃଙ୍ଖଳିତ କ୍ରୀଡ଼ା ପ୍ରତିଦ୍ୱନ୍ଦୀ :** ''ଆହୁରି ମଧ୍ୟ ଯଦି ଜଣେ ଲୋକ କ୍ରୀଡ଼ାରେ ପ୍ରତିଦ୍ୱନ୍ଦିତା କରେ, ସେ ନିୟମାନୁସାରେ ତାହା ନକଲେ ମୁକୁଟ ପ୍ରାପ୍ତ ହୁଏ ନାହିଁ ।'' (୨ ତୀମଥି ୨:୫) ସୁସମାଚାର ପ୍ରଚାରକ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ନିୟମାନୁସାରେ ତାହାଙ୍କ ସେବା କରିବା ଆବଶ୍ୟକ । ମୁକୁଟ ପ୍ରାପ୍ତ ହେବା ନିମନ୍ତେ ସେ ପ୍ରାଣପଣରେ ଦୌଡ଼ିବା ଆବଶ୍ୟକ । ଅନ୍ୟମାନଙ୍କୁ ମଧ୍ୟ ମୁକୁଟ ପାଇବା ନିମନ୍ତେ ଦୌଡ଼ିବା ପାଇଁ ଉତ୍ସାହିତ କରିବା ଆବଶ୍ୟକ । ଅଧାର୍ମିକତାରୁ ଦୁଷ୍କର୍ମରୁ, ଅସାଧୁତାରୁ, ଶାରୀରିକ ମଳିନତା ଠାରୁ ଆପଣାକୁ ବଞ୍ଚାଇବା ଆବଶ୍ୟକ ।

**ଜଣେ ପରିଶ୍ରମୀ କୃଷକ :** ''ଯେଉଁ କୃଷକ ପରିଶ୍ରମ କରେ, ସେ ପ୍ରଥମେ ଫଳର ଅଂଶ ପାଇବା ଉଚିତ ।'' (୨ ତୀମଥି ୨:୬) କଠିନ ପରିଶ୍ରମ ପ୍ରତିଫଳେ କୃଷକ ପ୍ରଚୁର ଫସଲ ପାଇପାରେ । ଭୂମି ହଳ କରି, ବୀଜ ବପନ କରି ଉର୍ବରତା ସାଧନ ନିମନ୍ତେଔଷଧ ଦେଇ, ଅଗରା ଘାସ କାଢ଼ି କାର୍ଯ୍ୟ କରିବା ନିମନ୍ତେ କୃଷକକୁ ଅନେକ କାର୍ଯ୍ୟ ଓ ମୟ ବିତାଇବାକୁ ପଡ଼େ । ଠିକ୍ ସେହିପରି ସୁସମାଚାର ପ୍ରଚାରକମାନେ ସ୍ୱର୍ଗରାଜ୍ୟ ନିମନ୍ତେ ହଳ କରି, ବୀଜ ବପନ କରିବାକୁ ପଡ଼େ । ବୀଜ ବପନର ତତ୍‌କ୍ଷଣାତ୍ ଫସଲ ଉତ୍ପାଦନ ହୁଏ ନାହିଁ, କିନ୍ତୁ ଅପେକ୍ଷା କରିବାକୁ ପଡ଼େ । ''......ଦେଖ, କୃଷକ କ୍ଷେତ୍ରର ବହୁମୂଲ୍ୟ ଫଳ ପାଇବା ନିମନ୍ତେ ଧୈର୍ଯ୍ୟ ଧରି ଆଦ୍ୟ ଓ ଶେଷ ବୃଷ୍ଟି ନହେବା ପର୍ଯ୍ୟନ୍ତ ଅପେକ୍ଷାରେ ରହେ ।'' (ଯାକୁବ ୫:୭)

**ଉତ୍ତମ କାର୍ଯ୍ୟକାରୀ :** ''ସତ୍ୟ ବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର ।'' (୨ ତୀମଥି ୨:୧୫) ଅନେକ ସମୟରେ ସୁସମାଚାର ପ୍ରଚାରକମାନେ ମଣ୍ଡଳୀର ଅନ୍ୟାନ୍ୟ କାମରେ ଲିପ୍ତ ହୋଇ, ବାକ୍ୟଧ୍ୟାନ କରିବାକୁ ଅବହେଳା କରନ୍ତି । ରବିବାର ଆରାଧନା ବାକ୍ୟଧ୍ୟାନ ନକରି ଗୀତ ଗାଇବା, କୌଣସି କାଳ୍ପନିକ କାହାଣୀ କହିବାରେ ସମୟ ବିତାଇଥାନ୍ତି । ସଭ୍ୟମାନେ ଆବଶ୍ୟକୀୟ ଆତ୍ମିକ ଖାଦ୍ୟ ପାଇପାରନ୍ତି ନାହିଁ । 'ଅହିତକର କଥା' ଓ ବିନାଶଜନକ ବାଗ୍‌ଯୁଦ୍ଧ ସଭ୍ୟମାନଙ୍କ ଆତ୍ମିକ କ୍ଷୁଧା ମେଣ୍ଟାଏ ନାହିଁ । କିନ୍ତୁ ଉତ୍ତମ ସୁସମାଚାର ପ୍ରଚାରକ ମଣ୍ଡଳୀର ସଭ୍ୟମାନଙ୍କ ଆତ୍ମିକ ଅଭିବୃଦ୍ଧି ନିମନ୍ତେ କାର୍ଯ୍ୟ କରିଥାଏ ।

ସଭ୍ୟମାନଙ୍କ ଜୀବନ ଅସ୍ତବ୍ୟସ୍ତ ହେବା ସମୟରେ, ପାରିବାରିକ ବନ୍ଧନ ତୁଟିଯିବା ସମୟରେ, ସନ୍ତାନସନ୍ତତିମାନେ ବିଦ୍ରୋହ କରିବା ସମୟରେ, ସମାଜ ଦ୍ୱାରା ନିର୍ଯ୍ୟାତିତ ହେବା ସମୟରେ, ଖ୍ରୀଷ୍ଟିୟ ବିଶ୍ୱାସ ତ୍ୟାଗ କରିବା ସମୟରେ କେବଳ ସୁସମାଚାର ପ୍ରଚାରକମାନଙ୍କ ପ୍ରଚାରିତ ବାକ୍ୟ ସେମାନଙ୍କୁ ସାହାଯ୍ୟ କରିପାରେ ଓ ଜୀବନ ସଜାଡ଼ି ପାରେ । ''ଈଶ୍ୱରଙ୍କ ବାକ୍ୟ ପ୍ରଚାର କର ।''

*- Cecil May Jr.*

❋❋❋

# THE CHRISTIAN'S INFLUENCE

*1 Peter 2:21*

***INTRODUCTION :***

1. Everyone follows someone
2. we are all influenced by others and we in turn influ ence those around us.
3. This is true in daily life.
4. This is likewise true in religion.
5. There is much power in example and influence.

***DISCUSSION :***

**1. He is an example in all things :**

a. In purity
b. In obedience.
c. In humility.
d. In prayer.
e. In love.
f. In suffering
g. In forgiveness.

2. He is our guide. (John 14 :6).
3. He is our saviour (Luke 19:10).
4. We are to follow in his steps. (1 Pet. 2:21).

**II. The Bible may have a great influence on us.**

1. We need to study it.
2. It pictures the model man of God.

a. One of service.
b. One of trust.
c. One of preseverance.
d. One of honesty.
e. One of caution.
f. One of hospitality.
g. One of work.

**III. The Christian may have a great influence on others.**

1. A little leaven leaveneth the whole lump.
2. Do all in the name of the Lord. (Col. 3:17).
3. Two Kinds of example :

**a. Bad.**

1. Bad language.
2. Dishonest.
3. Hypocritical.
4. Unfaithful.

**b. Good.**

1. Do good for evil.
2. Always do right.
3. Put the Lord first.
4. You can do worlds of good by just doing right.
5. You have a powerful weapon and you can influence others for good.
6. It is a great blessing to know that you have encouraged others to do right.

***CONCLUSION :***

1. What kind of an example are you ?
2. Are you using your influcence for good ?
3. Use the most Powerful weapon you have for good.

- J.C. Choate

***Printed Book Only***

From:

SATYA VANI
**P.O. Box 80,**
**Kakinada - 533 001**

**To**

**(FOR PRIVATE CIRCULATION ONLY)**